ଜମି ବିକ୍ରି ପାଇଁ ମିଳିଲାନି ଭୂସ୍ୱତ୍ୱ ପ୍ରମାଣପତ୍ର; ଅର୍ଥାଭାବରୁ ଆଖି ବୁଜିଲେ ଆବେଦନକାରୀ

ମାଲକାନଗିରି, ୧୪ ।୧୦(ସ.ପ୍ର/ଆପ୍ର): ମାସାଧିକାଳ ଜମି ବିକ୍ରି ପାଇଁ ଲ୍ୟାଣ୍ଡ ହୋଲଡିଂ (ଭୂସ୍ୱତ୍ୱ) ସାର୍ଟିଫିକେଟ୍ ନିମନ୍ତେ ଆବେଦନ କରି ମଧ୍ୟ କିଛି ସୁଫଳ ମିଳିଲାନାହିଁ। ଶେଷରେ ରୋଗ ଶଯ୍ୟାରେ ବିନା ଚିକିତ୍ସାରେ ଆବେଦନକାରୀଙ୍କ ମୃତ୍ୟୁ ଘଟିଛି। ଏପରି ଅଭିଯୋଗ ଆସିଛି ମାଲକାନଗିରି ଜିଲା ସଦର ବ୍ଲକର ପଦ୍ମଗିରି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଯଦୁଗୁଡା ଗ୍ରାମରୁ। ଦୀର୍ଘ ଏକ ବର୍ଷ ଧରି ରୋଗରେ ପୀଡ଼ିତ ଥିବା ବୁଟି ମାଡି ଚିକିତ୍ସା ପାଇଁ ନିଜ ନିକଟରେ ଥିବା ୧୩ ଏକର ଜମିରୁ ୧ଏକର ଜମି ବିକ୍ରି ପାଇଁ ମାଲକାନଗିରି ତହସିଲରେ ଆବେଦନ କରିଥିଲେ। ବୁଟି ନିଜେ ଅନୁସୂଚିତ ଜାତି ବର୍ଗର ହୋଇଥିବାରୁ ଜମି ବିକ୍ରି ପାଇଁ ଏହି ଲ୍ୟାଣ୍ଡ ହୋଲଡିଂ ସାର୍ଟିଫିକେଟ୍ ଆବଶ୍ୟକ ଥିଲା। ମାତ୍ର ଏଥି ନିମନ୍ତେ ବାରମ୍ବାର ତହସିଲ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ସେ ନୟାନ୍ତ ହୋଇଥିଲେ। ଏହି ସାର୍ଟିଫିକେଟ୍ ମିଳି ନଥିବାରୁ ଚିକିତ୍ସା କରାଇ ନପାରି ଶେଷରେ ସୋମବାର ବୁଟି ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ବୁଟି ମାଡ଼ିଙ୍କ ଦୁଇ ପୁତ୍ର ବାବୁଲା ଓ ସମାରୁଙ୍କ ଅଭିଯୋଗ ଅନୁଯାୟୀ, ପିତା ଏକ ବର୍ଷ ଧରି ରୋଗରେ ପୀଡିତ ଥିବା ଯୋଗୁଁ ଉତ୍ତମ ଚିକିତ୍ସା ପାଇଁ ଅର୍ଥ ଆବଶ୍ୟକ ପଡ଼ିଥିଲା। ସେମାନଙ୍କ ସହ ପିତା ବୁଟି ମାଲକାନଗିରି ତହସିଲଦାରଙ୍କ ନିକଟରେ ଲ୍ୟାଣ୍ଡ ହୋଲଡିଂ ସାର୍ଟିଫିକେଟ୍ ପାଇଁ ଆବେଦନ କରିଥିଲେ। ବାରମ୍ବାର ଆବେଦନ ସତ୍ତ୍ୱେ କୌଣସି ସୁଫଳ ମିଳିନଥିବବେଳେ ଲ୍ୟାଣ୍ଡ ହୋଲଡିଂ ସାର୍ଟିଫିକେଟ୍ ବି ମିଳିନଥିଲା। ବାବୁଲା ଓ ସମାରୁ ତତ୍କାଳୀନ ଅତିରିକ୍ତ ତହସିଲଦାରଙ୍କ ଠାରୁ ଏବର ତହସିଲଦାରଙ୍କ ପର୍ଯ୍ୟନ୍ତ ଅନୁରୋଧ କରିବା ପରେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ଲ୍ୟାଣ୍ଡ ହୋଲଡିଂ ସାର୍ଟିଫିକେଟ୍ ନ ମିଳିବାରୁ ଜମି ବିକ୍ରି ହୋଇପାରିଲା ନାହିଁ। ଅର୍ଥ ଅଭାବରୁ ବିନା ଚିକିତ୍ସାରେ ବାପାଙ୍କ ଦେହାନ୍ତ ହୋଇଗଲା ବୋଲି ସ୍ୱର୍ଗତଃ ବୁଟିଙ୍କ ଦୁଇ ପୁତ୍ର ଅଭିଯୋଗ କରିଛନ୍ତି। ଏନେଇ ଉଚ୍ଚସ୍ତରୀୟ ତଦନ୍ତ କରି ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି। ଅନ୍ୟପଟେ ଏ ସଂକ୍ରାନ୍ତରେ ତହସିଲଦାର ଲଳିତ ବାଘଙ୍କୁ ଯୋଗାଯୋଗ କରିବାରୁ ସେ ଜିଲା ବାହାରେ ଅଛନ୍ତି ଏବଂ ଆସିଲେ ଏନେଇ ପଦକ୍ଷେପ ନେବେ ବୋଲି ପ୍ରକାଶ କରିଥିଲେ।

ବିଭିନ୍ନ ଦୁର୍ଗାପୂଜା ମଣ୍ଡପ ବୁଲିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

'ଦୁର୍ଗାପୂଜା ଆମ ସଂସ୍କୃତି ଓ ସାମୂହିକ ସଦ୍‌ଭାବର ଅବିଚ୍ଛେଦ୍ୟ ଅଙ୍ଗ'

ସମ୍ବଲପୁର, ୧୪।୧୦(ସିଟି): ଆମର ପର୍ବପର୍ବାଣୀ ଗୁଡ଼ିକ ଆମ ପରିଚୟ। ଦୁର୍ଗାପୂଜା ସାମାଜିକ ସରସତାର ଅନନ୍ୟ ବିଭବ। ଆମର ସଂସ୍କୃତି ଏବଂ ସାମୂହିକ ସଦ୍‌ଭାବନାର ଏକ ଅବିଚ୍ଛେଦ୍ୟ ଅଙ୍ଗ ଦୁର୍ଗାପୂଜା। ଦଶହରା ଅବସରରେ ସମ୍ବଲପୁରର ବିଭିନ୍ନ ଦୁର୍ଗା ମଣ୍ଡପ ବୁଲିବା ସମୟରେ ଏଭଳି କହିଛନ୍ତି ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ସମଲେଶ୍ୱରୀ ଓ ପାଟଣେଶ୍ୱରୀ ମନ୍ଦିରକୁ ଯାଇ ମା'ଙ୍କ ଦର୍ଶନ ପରେ ସେ ବିଭିନ୍ନ ଦୁର୍ଗା ମଣ୍ଡପ ବୁଲିଥିଲେ। ଅଇଁଠାପାଲିରେ ଆୟୋଜିତ ରାବଣପୋଡ଼ି ଉତ୍ସବରେ ସାମିଲହୋଇ ରାବଣ ଦହନ କରିଥିଲେ। ବରେଇପାଲିରେ ବାପୁଜୀ କ୍ଲବ ପକ୍ଷରୁ ଆୟୋଜିତ 'ନୂଆଁଖାଇ ଭେଟ୍‌ଘାଟ୍' କାର୍ଯ୍ୟକ୍ରମରେ ଯୋଗଦେଇ ଅଞ୍ଚଳର ପ୍ରତିଭାବାନ ବ୍ୟକ୍ତିବିଶେଷ ଓ ସମାଜସେବୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଦୁର୍ଗାପୂଜା କେବଳ ଏକ ପର୍ବ ନୁହେଁ; ବରଂ ଆମର ସାଂସ୍କୃତିକ ଐତିହ୍ୟର ପ୍ରତୀକ। ଆସୁରିକ ଶକ୍ତି ଉପରେ ଦିବ୍ୟଶକ୍ତି; ଅଧର୍ମ ଉପରେ ଧର୍ମର ବିଜୟ ଏବଂ ଅସତ୍ୟ ଉପରେ ସତ୍ୟର ବିଜୟର ପ୍ରତୀକ। ଏହା ଆମର କଳା, ସଂସ୍କୃତି, ପରମ୍ପରାକୁ ଉଜାଗର କରିବାର ଅନନ୍ୟ ଅବସର। ମା'ଙ୍କ ଉପାସନା ଐତିହ୍ୟରେ ଶତାବ୍ଦୀ ଶତାବ୍ଦୀର ଆଧ୍ୟାତ୍ମିକ ଓ ସାଂସ୍କୃତିକ ଗୌରବ ଲୁକ୍କାୟିତ ବୋଲି କହିଥିଲେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ। ଅଭିନବ ଶୈଳୀରେ ନିର୍ମିତ ତୋରଣ ଗୁଡ଼ିକ ଶିଳ୍ପୀଙ୍କ ସୃଜନଶୀଳତାକୁ ଦର୍ଶାଉଛି। ପ୍ରଭୁ ଶ୍ରୀରାମ, ମା'ଦୁର୍ଗା ଓ ମା'ସମଲେଇଙ୍କ ଆଶୀର୍ବାଦରୁ ସମାଜରୁ ଅନ୍ଧକାର ରୂପକ ରାବଣ ବିଲୁପ୍ତ ହେଉ। ଆମ ରାଜ୍ୟ ଓ ଦେଶ ପ୍ରଗତିର ପଥରେ ଆଗକୁ ଯାଉ ବୋଲି ପ୍ରାର୍ଥନା କରିଥିଲେ ଶ୍ରୀ ପ୍ରଧାନ। ଏଥିସହ ସେ ବୁର୍ଲା ଓ ହୀରାକୁଦର ବିଭିନ୍ନ ଦୁର୍ଗାମଣ୍ଡପ ବୁଲିଥିଲେ।

ବାକି ଆବେଦନକାରୀଙ୍କୁ ଦୀପାବଳିରେ ମିଳିବ ସୁଭଦ୍ରା ଅର୍ଥ

ଭୁବନେଶ୍ୱର/କେନ୍ଦୁଝରଗଡ଼, ୧୪।୧୦ (ନି.ପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତିନିଦିନିଆ କେନ୍ଦୁଝର ଗସ୍ତର ଶେଷ ଦିନରେ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। କେନ୍ଦୁଝର ସର୍କିଟ ହାଉସ ଓ ମଣ୍ଡୁଆସ୍ଥିତ କ୍ୟାମ୍ପ କାର୍ଯ୍ୟାଳୟରେ ଲୋକଙ୍କୁ ଭେଟି ଅଭିଯୋଗ ପତ୍ର ଗ୍ରହଣ କରିବା ସହ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରାୟ ୨୫୦ ଲୋକ ମୁଖ୍ୟମନ୍ତ୍ରୀଙ୍କୁ ସମସ୍ୟା ସମ୍ପର୍କରେ ଅଭିଯୋଗ ପତ୍ର ଦେଇଥିଲେ। ମୁଖ୍ୟମନ୍ତ୍ରୀ ଏହାକୁ ଗ୍ରହଣ କରି ସମସ୍ୟାର ସମାଧାନ କରିବାକୁ ପଦାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ସୁଭଦ୍ରା ସହାୟତା ପାଇନଥିବା ଆବେଦନକାରୀ କାଳିପୂଜା ବେଳକୁ ଏହା ପାଇଯିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ତିନି ମାର୍କେଟ କମ୍ପ୍ଲେକ୍ସ ପରିଚାଳନାରୁ ଓହରିଲା ପିକେଡିଏ

ପୁରୀ, ୧୪।୧୦ (ନି.ପ୍ର): ତିନୋଟି ନବନିର୍ମିତ ମାର୍କେଟ କମ୍ପ୍ଲେକ୍ସ ସମେତ ଜେଲ୍ ରୋଡ୍ ବହୁତଳ ଗାଡ଼ି ରହଣିସ୍ଥଳ ପରିଚାଳନାରୁ ଓହରିଲା ପୁରୀ କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ (ପିକେଡିଏ)। ଗତ ୯ ମାସରେ ଗାଡ଼ି ରହଣି ସ୍ଥଳରୁ ପ୍ରାୟ ୨୫ ଲକ୍ଷ ଟଙ୍କା ଆୟ ହୋଇଥିବା ବେଳେ ବିଦ୍ୟୁତ୍ ବିଲ୍ ଏବଂ ରକ୍ଷଣାବେକ୍ଷଣ ପାଇଁ ଏକ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ତେଣୁ ଚଳିତ ମାସରୁ ମୋଚିସାହି ଛକ ମାର୍କେଟ, ଦୈତାପଡ଼ା ସାହି ମାର୍କେଟ ଏବଂ ଜେଲ୍ ରୋଡ୍ ମାର୍କେଟ କମ୍ପ୍ଲେକ୍ସ ସମେତ ବହୁତଳ ଗାଡ଼ି ରହଣିସ୍ଥଳ ପରିଚାଳନା ଦାୟିତ୍ୱ ପୁରୀ ପୌର ସଂସ୍ଥାକୁ ହସ୍ତାନ୍ତର କରାଯାଇଛି। ଏହା ଜାଣିବା ପରେ ପୁରୀ କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ରକ୍ଷଣାବେକ୍ଷଣ ପାଇଁ ଆଗୁଆ ସିକ୍ୟୁରିଟି ଭାବେ ୨୫ ହଜାରରୁ ୩୦ ହଜାର ଟଙ୍କା ଲେଖାଏଁ ଜମା ଦେଇଥିବା ଦୋକାନୀମାନେ ଟଙ୍କା ଫେରି ପାଇବା ନେଇ ଚିନ୍ତାରେ ପଡ଼ିଛନ୍ତି।

ରାଜ୍ୟ ସରକାରଙ୍କ ଅବଢ଼ା ଯୋଜନାରେ ଏହି ତିନିଟି ମାର୍କେଟ କମ୍ପ୍ଲେକ୍ସ ଏବଂ ଜେଲ୍ ରୋଡ୍ ବହୁତଳ ଗାଡ଼ି ରହଣିସ୍ଥଳ ନିର୍ମାଣ କରିଥିଲେ। ସେଠାରେ ୭୨୦ ଦୋକାନ ଗୃହ ନିର୍ମାଣ କରାଯାଇଛି। ପୂର୍ବରୁ ମୋଚିସାହି ଏବଂ ଦୈତାପଡ଼ା ସାହି ମାର୍କେଟ କମ୍ପ୍ଲେକ୍ସ ପୁରୀ ପୌର ସଂସ୍ଥା ଦ୍ୱାରା ଦୀର୍ଘବର୍ଷ ଧରି ପରିଚାଳନା ହୋଇଥିଲା। ଏହି ଦୁଇଟି ମାର୍କେଟ କମ୍ପ୍ଲେକ୍ସ ପୁନଃନିର୍ମାଣ ପରେ ପିକେଡିଏ ହାତରେ ଏହାର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଦାୟିତ୍ୱ ଜିଲା ପ୍ରଶାସନ ଗତବର୍ଷ ଟେକି ଦେଇଥିଲା। ଏଥିପାଇଁ ଅତିରିକ୍ତ ଜିଲାପାଳ, ପୌର ନିର୍ବାହୀ ଅଧିକାରୀ ଏବଂ ପିକେଡ଼ିଏ ସଚିବଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା। ପିକେଡିଏ ନିଜେ ଏହି ତିନୋଟି ମାର୍କେଟ କମ୍ପ୍ଲେକ୍ସ ଏବଂ ବହୁତଳ ଗାଡ଼ି ରହଣିସ୍ଥଳର ପରିଚାଳନା କରିବା ପରିବର୍ତ୍ତେ 'ୟୁ ଟେକ୍' ନାମକ ଏକ ବେସରକାରୀ ସଂସ୍ଥାକୁ ନିୟୋଜିତ କରିଥିଲା। ଏଥିପାଇଁ ଆବଶ୍ୟକ କର୍ମଚାରୀ ଏବଂ ସୁରକ୍ଷାକର୍ମୀ ଯୋଗାଇଦେବା ନିମନ୍ତେ ସମ୍ପୃକ୍ତ ସଂସ୍ଥାକୁ ଦାୟିତ୍ୱ ଦିଆଯାଇ ଥିଲା। ତିନୋଟି ମାର୍କେଟ କମ୍ପ୍ଲେକ୍ସ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇନଥିବା ବେଳେ ପିକେଡିଏ ଠିକାଦାର ସଂସ୍ଥାକୁ କର୍ମଚାରୀଙ୍କ ମାସିକ ଦରମା ବାବଦରେ ପ୍ରାୟ ୫୦ ଲକ୍ଷ ଟଙ୍କା ପ୍ରଦାନ କରିବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ଏହା ପଛରେ ବଡ଼ ଧରଣର ଦୁର୍ନୀତି ଥିବା ଅଭିଯୋଗ ହୋଇଛି। ଜେଲ୍ ରୋଡ ବହୁତଳ ଗାଡ଼ି ରହଣିସ୍ଥଳ ଏବେ ପୁରୀ ପୌର ସଂସ୍ଥା ହାତକୁ ଚାଲି ଯାଇଛି। ପୂର୍ବରୁ ସେଠାରେ ଥିବା ଜିଲା କାରବାର କୋଠା ଉଚ୍ଛେଦ କରାଯାଇ ଏକ ମାର୍କେଟ କମ୍ପ୍ଲେକ୍ସ ଏବଂ ବହୁତଳ ଗାଡ଼ି ରହଣି

୯ ମାସରେ ଆୟ ୨୫ ଲକ୍ଷ, ଖର୍ଚ୍ଚ କୋଟିଏ

ବ୍ୟବସ୍ଥା କରାଯାଇଛି। ପୂର୍ବରୁ ମୋଚିସାହି ଏବଂ ଦୈତାପଡ଼ା ସାହି ମାର୍କେଟରେ ଦୋକାନ କରିଥିବା ଏବଂ ଶ୍ରୀଜଗନ୍ନାଥ ମନ୍ଦିର ପରିକ୍ରମା ମାର୍ଗ ନିର୍ମାଣ ପାଇଁ ଉଚ୍ଛେଦ ହୋଇଥିବା ଦୋକାନୀଙ୍କୁ ଏହି ତିନୋଟି ନବନିର୍ମିତ ମାର୍କେଟ କମ୍ପ୍ଲେକ୍ସରେ ଥଇଥାନ କରାଯାଇଛି। ଅଧିକାଂଶ ଦୋକାନ ଗୃହ ଏବେ ବି ତାଲା ପଡ଼ିଛି। ଦୋକାନ ପାଇଥିବା ବ୍ୟକ୍ତିଙ୍କ ଉପରେ ନୂତନ ଭାବେ ପୌର ସଂସ୍ଥା ଏବଂ ପିକେଡିଏ ଆଗୁଆ ଅମାନତ ଜମା ବୋଝ ଲଦି ଦେଇଥିବାରୁ ଏଭଳି ଅଚଳାବସ୍ଥା ସୃଷ୍ଟି ହୋଇଛି। ପୁରୁଣା ଦୋକାନଗୁଡ଼ିକ ଉଚ୍ଛେଦ ହେବା ଦିନଠାରୁ ପ୍ରାୟ ୫ ବର୍ଷ ଧରି ଜୀବିକା ହରାଇଥିବା ଦୋକାନୀଙ୍କ ଉପରେ ଏହା ବୋଝ ଉପରେ ନଳିତା ବିଡ଼ା ହୋଇଛି। ଅଧିକାଂଶ ଦୋକାନୀ ନୂତନ ଭାବେ ଚୁକ୍ତିପତ୍ର କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଗତବର୍ଷ ଡିସେମ୍ବରରେ ପିକେଡିଏ ଏହି ତିନୋଟି ନବନିର୍ମିତ ମାର୍କେଟ କମ୍ପ୍ଲେକ୍ସ ଏବଂ ଜେଲ୍ ରୋଡ ବହୁତଳ ଗାଡ଼ି ରହଣିସ୍ଥଳ ପରିଚାଳନା ଦାୟିତ୍ୱ ନେଇଥିଲା। ପ୍ରତ୍ୟେକ ମାସରେ ଲଗାତାର କ୍ଷତି ହେବା ଯୋଗୁଁ ରକ୍ଷଣାବେକ୍ଷଣ ଏବଂ ପରିଚାଳନା ଭାର ପୌର ସଂସ୍ଥାକୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି। ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ମାଧ୍ୟମରେ ପ୍ରାୟ ୧୫୦ କୋଟି ଟଙ୍କା ଖର୍ଚ୍ଚ କରି ରାଜ୍ୟ ସରକାର ଗତବର୍ଷ ପୁରୀରେ ଏହି ତିନୋଟି ମାର୍କେଟ କମ୍ପ୍ଲେକ୍ସ ଏବଂ ଜେଲ୍ ରୋଡ ବହୁତଳ ଗାଡ଼ି ରହଣିସ୍ଥଳ ନିର୍ମାଣ କରିଥିଲେ। ତିନିଜଣିଆ କମିଟିର ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁଁ ଦୋକାନ ଗୃହଗୁଡ଼ିକ ଆବଣ୍ଟନ ପରେ ମଧ୍ୟ ଖୋଲି ପାରୁନାହିଁ। ରାଜ୍ୟ ସରକାର ତୁରନ୍ତ ଏହାର ଉଚ୍ଚସ୍ତରୀୟ ସମୀକ୍ଷା କରିବା ସହ ପୁରୁଣା ଦୋକାନୀଙ୍କ ଉପରେ ନୂତନ ଭାବେ ଲଦି ଦିଆଯାଇଥିବା ଅମାନତ ଅର୍ଥ ଜମା ବୋଝ ପ୍ରତ୍ୟାହାର କରିବାକୁ ବହୁ ଦୋକାନୀ ଦାବି କରିଛନ୍ତି।

ଏନେଇ ପିକେଡିଏ ସଚିବ ମାୟାଧର ବେହେରା କହିଛନ୍ତି, ତିନୋଟି ମାର୍କେଟ କମ୍ପ୍ଲେକ୍ସ ପରିଚାଳନା ପାଇଁ ପିକେଡିଏ ପାଖରେ ଆବଶ୍ୟକ କର୍ମଚାରୀ ଏବଂ ଅର୍ଥ ନାହିଁ। ବାରମ୍ବାର ଚେଷ୍ଟା ସତ୍ତ୍ୱେ ଦୋକାନୀମାନେ ଦୋକାନଗୁଡ଼ିକ ଖୋଲିଲେ ନାହିଁ। ଶ୍ରୀଜଗନ୍ନାଥ ବଲ୍ଲଭ ମଠରେ ଆଉ ଏକ ବହୁତଳ ଗାଡ଼ି ରହଣିସ୍ଥଳ କାର୍ଯ୍ୟକ୍ଷମ ହେବାପରେ ଜେଲ୍ ରୋଡକୁ ଗାଡ଼ିଗୁଡ଼ିକ ଆସିଲା ନାହିଁ। ପ୍ରତି ମାସରେ କ୍ଷତି ସହିବାକୁ ପଡ଼ିଲା। ରକ୍ଷଣାବେକ୍ଷଣ ପାଇଁ ନିୟୋଜିତ ଘରୋଇ ସଂସ୍ଥାକୁ ପ୍ରତି ମାସରେ ପ୍ରାପ୍ୟ ପ୍ରଦାନ କରିବାକୁ ପିକେଡିଏ ପାଖରେ ଟଙ୍କା ନାହିଁ। ପୁରୀ ପୌର ସଂସ୍ଥାକୁ ତିନୋଟି ମାର୍କେଟ କମ୍ପ୍ଲେକ୍ସ ସମେତ ଜେଲ୍ ରୋଡ ବହୁତଳ ଗାଡ଼ି ରହଣିସ୍ଥଳ ପରିଚାଳନା ଦାୟିତ୍ୱ ହସ୍ତାନ୍ତର କରାଯାଇଛି।

ଶୁଣିବାରେ ସମସ୍ୟା? AudiZone Experience the sound
ଶ୍ରବଣ ଯନ୍ତ୍ର
SPECIAL SUMMER OFFER
Digital Hearing AID
ଅଡିକୋନ୍ ଆସନ୍ତୁ, ଭଲ ଶୁଣନ୍ତୁ ।
Mob: 9439543332
ଶାଖା କାର୍ଯ୍ୟାଳୟ:-ବରମୁଣ୍ଡା, ଜୟଦେବ ବିହାର, ଲିଙ୍କ୍ ରୋଡ଼, ମଙ୍ଗଳାବାଗ୍, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା, କୋରାପୁଟ୍, ବାଲେଶ୍ୱର, କେନ୍ଦୁଝର, ଟାଟା ଇତ୍ୟାଦି...
AUDIZONE SPEECH & HEARING CLINIC

ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରୁ ଆୟ

୧୪।୧୦।୨୦୨୪

୬,୪୨,୭୨୬ ଟଙ୍କା

'ସମାଜ' ଜନମତ

୧୪।୧୦ର ମତାମତ

ଦେଶରେ ଅର୍ଥ ଠକେଇ ବୃଦ୍ଧି ପାଉଥିବାରୁ ନଗଦ ପରିବର୍ତ୍ତେ ସମ୍ପୂର୍ଣ୍ଣ ଡିଜିଟାଲ ନେଣଦେଣ ଆପଣାଇବା ଉଚିତ କି?

ହଁ	୫୪.୫%
ନା	୪୦.୯%
ମନ୍ତବ୍ୟ ନାହିଁ	୪.୫%

ଆଜିର ପ୍ରସଙ୍ଗ

ସାମାଜିକ ଗଣମାଧ୍ୟମରେ ଶାଳୀନତା ରକ୍ଷା ପାଇଁ ଆଇନ ପ୍ରଣୟନର ଆବଶ୍ୟକତା ରହିଛି କି ?

samajalive.inର ଟ୍ୱିଟର ଆକାଉଣ୍ଟ ଓ samajalive.in ୱେବ୍ ପେଜ୍‌ରେ ଦେଇପାରିବେ ଆପଣଙ୍କ ମନ୍ତବ୍ୟ। ମତ ଦେବା ସମୟ ସକାଳ ୯ରୁ ରାତି ୯।

ସମାଜ THE SAMAJA 105
Gopabandhu Bhawan, Buxi Bazar, Cuttack-753001
A Premier Odia Daily
QUOTATION CALL NOTICE
A 105 Year old Odia Daily invites Quotations from the Manufacturers / Suppliers for supply of indigenous / foreign Newsprint for the period Nov'24 to Jan'2025. **The Last date for Submission of the Tender is 24.10.2024.** For details, please refer our website: **www.thesamaja.in**

मौलाना आज़ाद नेशनल उर्दू यूनिवर्सिटी مولانا آزاد نیشنل اردو یونیورسٹی
ମୌଲାନା ଆଜାଦ ରାଷ୍ଟ୍ରୀୟ ଉର୍ଦ୍ଦୁ ବିଶ୍ୱବିଦ୍ୟାଳୟ
ଶିକ୍ଷା ମନ୍ତ୍ରାଳୟ ଅଧିନସ୍ଥ ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଭାରତ ସରକାର
ଦୂରସ୍ଥ ଓ ଅନଲାଇନ ଶିକ୍ଷା କେନ୍ଦ୍ର(ସିଡିଓଇ)
(ପୂର୍ବରୁ ଦୂର ଶିକ୍ଷା ନିର୍ଦ୍ଦେଶାଳୟ –ଡିଡିଇ ଭାବେ ପରିଚିତ)
ଶିକ୍ଷାବର୍ଷ ୨୦୨୪-୨୫ ପାଇଁ ବି.ଇଡି (ଓଡିଏଲ) ନାମଲେଖା ବିଜ୍ଞପ୍ତି
ଶିକ୍ଷାବର୍ଷ ୨୦୨୪-୨୫ ପାଇଁ, ଶିକ୍ଷା ଋତୁ ଅକ୍ଟୋବର, ୨୦୨୪ ନିମନ୍ତେ ବି.ଇଡି (ଓଡିଏଲ) ପାଠ୍ୟକ୍ରମରେ ନାମଲେଖା ପାଇଁ ଅନଲାଇନ ଆବେଦନ ଆମନ୍ତ୍ରଣ କରାଯାଉଛି।
ଇ-ପ୍ରସପେକ୍ଟସ ଓ ଅନଲାଇନ ଆବେଦନ ଫର୍ମ **manuu.edu.in/dde** (ଆଡମିଶନ ପୋର୍ଟାଲ : **manuuadmission.samarth.edu.in/24**)ରୁ ଉପଲବ୍ଧ ହୋଇପାରିବ। ଏହି ଫର୍ମକୁ ଅନଲାଇନ ମାଧ୍ୟମରେ ପଞ୍ଜୀକରଣ ଫି ସହିତ ୧୧.୧୦.୨୦୨୪ଠାରୁ ଦାଖଲ କରିବା ଆବଶ୍ୟକ। ପ୍ରାର୍ଥୀଙ୍କ ପ୍ରବେଶିକା ପରୀକ୍ଷା (ଇଟି) ମାଧ୍ୟମରେ ଚୟନ କରାଯିବ। ଅଧିକ ବିବରଣୀ ଲାଗି ପ୍ରାର୍ଥୀ ଷ୍ଟୁଡେଂଟ ସପୋର୍ଟ ୟୁନିଟ (ଏସଏସୟୁ) ସହ ଯୋଗାଯୋଗ କରିବା ଉଚିତ। ହେଲପଲାଇନ ୦୪୦-୨୩୦୦୮୪୬୩ ବା ୦୪୦-୨୩୧୨୦୬୦୦ (ସଂପ୍ରସାରଣ ୨୨୦୭ ଓ ୨୨୦୮)ରେ ପୂର୍ବାହ୍ନ ୯.୩୦ଘ. ଠାରୁ ଅପରାହ୍ନ ୫.୩୦ ଘ. ମଧ୍ୟରେ ସଂପର୍କ କରିପାରିବେ କିମ୍ବା ଆମର ୱେବସାଇଟ **manuu.edu.in/dde** ପରିଦର୍ଶନ କରନ୍ତୁ।
ଅନଲାଇନରେ ଆବେଦନ ଦାଖଲ କରିବା ଶେଷ ତାରିଖ ୩୦ ଅକ୍ଟୋବର ୨୦୨୪। ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି ଯେ ସେମାନେ ଆବେଦନ ଫର୍ମ ଫର୍ମ ପୂରଣ କରିବା ପୂର୍ବରୁ ଇ-ପ୍ରସପେକ୍ଟସକୁ ଧ୍ୟାନର ସହିତ ଦେଖିବା ଆବଶ୍ୟକ।
ନିର୍ଦ୍ଦେଶକ, ସିଡିଓଇ | ରେଜିଷ୍ଟ୍ରାର

MCL ମହାନଦୀ କୋଲ୍‌ଫିଲ୍ଡସ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in
ବିଜ୍ଞପ୍ତି
"ସାମଗ୍ରୀଗୁଡ଼ିକର କ୍ରୟ କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"
R-5226

ଫର୍ମ ନଂ. ୧୩
ରଣ ଅସୁଲି ପ୍ରାଧିକରଣ: କଟକ: ଓଡ଼ିଶାଙ୍କ ଇଜିଲାସ୍
ସି-୭୧, ସେକ୍ଟର-୭, ସିଡ଼ିଏ, କଟକ, ଓଡ଼ିଶା
ଓ.ଏ. ନଂ. ୨୨୪/୨୦୨୪
ବ୍ୟାଙ୍କ ଅଫ୍ ବରୋଦା ..... ଆବେଦନକାରୀ
ବନାମ
ଓଡ଼ିଶା ଟ୍ରେଡ଼ର୍ସ ଏବଂ ଅନ୍ୟମାନେ ....ପ୍ରତିବାଦୀ(ମାନେ)
ପ୍ରାପ୍ତେଷୁ,
୧. ମେସର୍ସ ଓଡ଼ିଶା ଟ୍ରେଡ଼ର୍ସ, ସା: ବିକାଶ ନଗର, ବାଦାମବାଡି, ପୋ: ଅରୁଣଦୟ ମାର୍କେଟ, କଟକ-୭୫୩୦୧୨
୨. ଉତ୍କଳ ରଞ୍ଜନ ପଇତାଳ, ପିତା: ରବିନ୍ଦ୍ରନାଥ ପଇତାଳ, ସା: ବିକାଶ ନଗର, ବାଦାମବାଡି, ପୋ: ଅରୁଣଦୟ ମାର୍କେଟ, କଟକ-୭୫୩୦୧୨
୩. ରାଜେଶ ମହାନ୍ତି, ପିତା: ୰ ସଚ୍ଚିକାନ୍ତ ମହାନ୍ତି, ସା: ଶ୍ରୀରାମ ନଗର, ପୋ/ଥାନା: ମଧୁପାଟଣା, କଟକ-୭୫୩୦୧୦
ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ଖବରକାଗଜ ପ୍ରକାଶନ ଦ୍ୱାରା ସମନ୍
ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ଆବେଦନକାରୀ ଓ.ଏ. ନଂ. ୨୨୪/୨୦୨୪ ଦ୍ୱାରା ଟ.୧,୨୦,୮୪,୮୫୯/- ରଣ ରାଶି ଓ ତତ୍‌ସହିତ ଚଳିତ ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ ପାଇଁ ରଣ ଅସୁଲି ପ୍ରାଧିକରଣ, କଟକଙ୍କ ଇଜିଲାସରେ ଏକ ମୋକଦ୍ଦମା ରୁଜୁ କରିଛନ୍ତି। ତେଣୁ ଏତଦ୍‌ଦ୍ୱାରା ଉପରଲିଖିତ ପ୍ରତିବାଦୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଛି କି, ସେମାନେ ଏହି ନୋଟିସ୍ ପ୍ରକାଶନର ୩୦ ଦିନ ମଧ୍ୟରେ କିମ୍ବା ତା.୦୨.୧୨.୨୦୨୪ରିଖ ପୂର୍ବାହ୍ନ ୧୦.୩୦ ଘଟିକା ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ।
ଏହି ନୋଟିସ୍ ଦ୍ୱାରା ଅବଗତ କରାଇଦିଆଯାଉଛି କି ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ତାଙ୍କ ଅନୁପସ୍ଥିତିରେ ଦରଖାସ୍ତର ଶୁଣାଣୀ ଏବଂ ବିଚାର କରାଯିବ।
ରଣ ଅସୁଲି ଅଦାଲତଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ ୦୧ ଅକ୍ଟୋବର, ୨୦୨୪ ରେ ଆଦିଷ୍ଟ।
ସ୍ୱା/- (ନିଖିଳ ରଞ୍ଜନ ପତି), ରେଜିଷ୍ଟ୍ରାର

ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ
କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର
ବି-୨ ପଶ୍ଚିମ, ଶହୀଦ ନଗର, ଭୁବନେଶ୍ୱର - ୭୫୧୦୦୭
ଫୋନ୍: ୦୬୭୪-୨୫୪୬୧୬୮, ମୋ.: ୯୫୩୮୦୫୩୯୬୧ / ୯୭୭୭୯୨୧୦୦୪
ଲିଜ୍ ଭିତ୍ତିରେ ଗୃହ ଆବଶ୍ୟକ
ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ ଉତ୍ତମ ଭାବେ ନିର୍ମିତ ଏବଂ ପ୍ରସ୍ତୁତ ରହିଥିବା ହଲ୍ ଟାଇପର ଅଫିସ୍ ଗୃହ ସମସ୍ତ ସୁବିଧା ସହିତ ଯଥେଷ୍ଟ ପାୱାର ସପ୍ଲାଏ ଓ ଉତ୍ତମ ଡ୍ରେନେଜ ଓ ପର୍ଯ୍ୟାପ୍ତ ପାର୍କିଂର ସ୍ଥାନ ସହିତ ତଳ ମହଲା / ପ୍ରଥମ ମହଲା, ନିମ୍ନଲିଖିତ ସ୍ଥାନରେ ଶାଖା ପାଇଁ ବ୍ୟବସାୟିକ ଲିଜ୍ ଭିତ୍ତିକ ଗୃହ ଆବଶ୍ୟକ କରୁଅଛି। ପ୍ରସ୍ତାବିତ ଗୃହଟିର ବୈଧାନିକ କର୍ତ୍ତୃପକ୍ଷଙ୍କ ଠାରୁ ସମସ୍ତ କ୍ଲିଅରାନ୍ସ ସାର୍ଟିଫିକେଟ ଥିବ ଓ ଉକ୍ତ ଗୃହକୁ ୩୦ ଦିନ ମଧ୍ୟରେ ଦଖଲ ପାଇଁ ପ୍ରସ୍ତୁତ ହୋଇପାରୁଥିବା ଆବଶ୍ୟକ। ନିମ୍ନଲିଖିତ ସ୍ଥାନର ଆଗ୍ରହୀ ଗୃହ ମାଲିକମାନେ ସେମାନଙ୍କର ପ୍ରସ୍ତାବଗୁଡ଼ିକ ଧାର୍ଯ୍ୟ ଫର୍ମାଟ ଅନୁଯାୟୀ ୨ଟି ପୃଥକ ମୁଦ ଲଫାପାରେ, ଗୋଟିକରେ ବୈଷୟିକ ବିଡ୍ ଏବଂ ଅନ୍ୟ ଗୋଟିକରେ ଆର୍ଥିକ ବିଡ୍ ତତ୍‌ସହିତ ସ୍ଥାନ ଓ ଜିଲ୍ଲାର ନାମ ଉଲ୍ଲେଖ କରି ଦାଖଲ କରିବେ। ଉକ୍ତ ଧାର୍ଯ୍ୟ ଫର୍ମାଟ ବ୍ୟାଙ୍କର ୱେବ୍‌ସାଇଟ୍ www.iob.in-Tender ରେ ଉପଲବ୍ଧ କିମ୍ବା ଉପରୋକ୍ତ କାର୍ଯ୍ୟାଳୟରୁ ନେଇପାରିବେ।

କ୍ର. ନଂ.	ସ୍ଥାନ	ଜିଲ୍ଲା	ଆବଶ୍ୟକ କାର୍ପେଟ୍ ଏରିଆ (ବର୍ଗଫୁଟରେ)
୧.	ତ୍ରିଶୁଳିଆ ଛକ (ନରଣପୁର)	କଟକ	୧୮୦୦ - ୨୫୦୦
୨.	ରୁଦ୍ରପୁର ମୌଜା, ଭୁବନେଶ୍ୱର	ଖୋର୍ଦ୍ଧା	୧୮୦୦ - ୨୫୦୦
୩.	ଆଖଣ୍ଡଳମଣୀ	ଭଦ୍ରକ	୧୫୦୦ - ୧୮୦୦
୪.	ଆନନ୍ଦପୁର	କେନ୍ଦୁଝର	୧୫୦୦ - ୧୮୦୦
୫.	ଭଦ୍ରକ	ଭଦ୍ରକ	୧୮୦୦ - ୨୫୦୦
୬.	କଳାରାହାଙ୍ଗ (ନନ୍ଦନ ବିହାର ନିକଟ)	ଖୋର୍ଦ୍ଧା	୧୮୦୦ - ୨୫୦୦

ସମ୍ପୂର୍ଣ୍ଣ ଭାବେ ପୂରଣ ହୋଇଥିବା ପ୍ରସ୍ତାବଗୁଡ଼ିକ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ଉପରୋକ୍ତ ଠିକଣାରେ ତା.୨୫.୧୦.୨୦୨୪ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ପହଞ୍ଚିବା ଆବଶ୍ୟକ। ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ପ୍ରସ୍ତାବକୁ ଗ୍ରହଣ କିମ୍ବା ଖାରଜ କରିବାର ଅଖଣ୍ଡ କ୍ଷମତା ସଂରକ୍ଷିତ ରଖିଛନ୍ତି।
ତାରିଖ: ୧୪.୧୦.୨୦୨୪ | ମୁଖ୍ୟ କ୍ଷେତ୍ରୀୟ ପ୍ରବନ୍ଧକ

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI
ବ୍ୟାଙ୍କ ଅଫ୍ ଇଣ୍ଡିଆ
ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧ଡି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫
ଦଖଲ ନୋଟିସ୍
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ର [ରୁଲ-୮(୧)]
ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ରଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ରଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ରଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିକୁ **ଦଖଲକୁ** ନିଆଯାଇଅଛି। ତେଣୁ ବିଶେଷକରି ରଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ରଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

ଭୁବନେଶ୍ୱର ଶାଖା / ରଣଗ୍ରହୀତା/ ଗ୍ୟାରେଣ୍ଟିଦାତା/ବନ୍ଧକଦାତାଙ୍କ ନାମ ଏବଂ ଠିକଣା	ନୋଟିସ୍ ଅନୁଯାୟୀ ବକେୟା ପରିମାଣ	ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ	ସମ୍ପତ୍ତିର ବିବରଣୀ
ରଣଗ୍ରହୀତା: ଶ୍ରୀମତୀ ତମସା ପଟ୍ଟନାଏକ / ଗ୍ୟାରେଣ୍ଟିଦାତା/ବନ୍ଧକଦାତା: ଶ୍ରୀ ସୁଧାଂଶୁ ଶେଖର ପଟ୍ଟନାଏକ, ପିତା: ୰ ଚନ୍ଦ୍ର ଶେଖର ପଟ୍ଟନାଏକ, ଉଭୟଙ୍କ ଠିକଣା- ଫ୍ଲାଟ୍ ନଂ.: ୨୦୨, ସିଦ୍ଧାର୍ଥ ଟାୱାର, ରବି ଟକିଜ୍ ସ୍କୋୟାର, ଭୁବନେଶ୍ୱର, ପିନ୍-୭୫୧୦୦୨	ଟ.୭,୭୨,୨୧୯.୪୪ + ସେବାବଦ ସୁଧ ଏବଂ ଖର୍ଚ୍ଚ	୦୨.୦୮.୨୦୨୪ / ୦୯.୧୦.୨୦୨୪	ଶ୍ରୀ ସୁଧାଂଶୁ ଶେଖର ପଟ୍ଟନାଏକଙ୍କ ନାମରେ ସିଦ୍ଧାର୍ଥ ଟାୱାର (ଆପାର୍ଟମେଣ୍ଟ)ର ଟାଇପ୍-ବିର ୨ୟ ମହଲାରେ ଥିବା ଫ୍ଲାଟ୍ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଫ୍ଲାଟ୍ ନଂ.: ୨୦୨, ମୌଜା: ଗୌତମ ନଗର, ଥାନା: ବଡଗଡ, ଥାନା ନଂ.: ୪୬, ତହସିଲ/ଏସଆରଓ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, ପିନ୍-୭୫୧୦୦୨, ଏସବିଏ: ୧୨୭୦ ବର୍ଗଫୁଟ, ବିଲ୍ଟ ଅପ୍ ଏରିଆ: ୧୧୪୩ ବର୍ଗଫୁଟ ଏବଂ କାର୍ପେଟ୍ ଏରିଆ: ୧୦୧୬ ବର୍ଗଫୁଟ, ଫ୍ଲାଟ୍ ନଂ.: ୩୦୦୬ ଏବଂ ଖାତା ନଂ.: ୧୬୭୪, ସମ୍ପତ୍ତିର କ୍ଷେତ୍ର (ଜମିର ଅବିଭକ୍ତ ଅଂଶ): ଏକର.୦.୦୦୨.୯୩୧ ଡିସିମିଲ, **ଆପାର୍ଟମେଣ୍ଟର ଚାରିପାର୍ଶ୍ୱରେ (ବିକ୍ରୟ ଦଲିଲ୍ ଅନୁଯାୟୀ)** ପୂର୍ବ: ରାସ୍ତା, ପଶ୍ଚିମ: ରାସ୍ତା, ଉତ୍ତର: ଫ୍ଲାଟ୍ ନଂ.: ୩୦୦୬ର ଅଂଶ, ଦକ୍ଷିଣ: ରାସ୍ତା, **ଫ୍ଲାଟ୍‌ର ଚାରିପାର୍ଶ୍ୱରେ (ପ୍ରକୃତ ଅନୁଯାୟୀ)** ପୂର୍ବ: ଫ୍ଲାଟ୍ ନଂ.: ୨୦୧, ପଶ୍ଚିମ: ଖୋଲା ସ୍ଥାନ, ଉତ୍ତର: କରିଡର, ଦକ୍ଷିଣ: ଖୋଲା ସ୍ଥାନ

ସ୍ଥାନ : ଭୁବନେଶ୍ୱର | କ୍ଷମତାପ୍ରାପ୍ତ ଅଧିକାରୀ
ତାରିଖ : ୧୫.୧୦.୨୦୨୪ | ବ୍ୟାଙ୍କ ଅଫ୍ ଇଣ୍ଡିଆ

ବେଟି ବଚାଓ ବେଟି ପଢାଓ
75 Azadi Ka Amrit Mahotsav
ଜନସୁରକ୍ଷା ଯୋଜନା ଅଧୀନରେ ଓଡିଶାର ସମସ୍ତ ଜିଲ୍ଲାରେ ଗ୍ରାମ ପଞ୍ଚାୟତ ସ୍ତରୀୟ ପରିପୂର୍ତ୍ତି ଅଭିଯାନ
15.10.2024 ରୁ 15.01.2025
ଅଭିଯାନର ଉଦ୍ଦେଶ୍ୟ
ପ୍ରଧାନ ମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ନାମାଙ୍କନ
ପ୍ରଧାନ ମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ନାମାଙ୍କନ
Pradhan Mantri Jeevan Jyoti Bima Yojana
PRADHAN MANTRI JAN-DHAN YOJANA MERA KHATA BHAGYA VIDHATA
Pradhan Mantri Suraksha Bima Yojana
ସମ୍ପୂର୍ଣ୍ଣ ବିବରଣୀ ପାଇଁ ନିକଟସ୍ଥ ବ୍ୟାଙ୍କ କିମ୍ବା ପୋଷ୍ଟ ଅଫିସ ଶାଖା ସହ ଯୋଗାଯୋଗ କରନ୍ତୁ